## କଲଣ ହାଟ ବନ୍ଦ କଲେ ସରପଞ୍ଚ

ରସୁଲପୁର,(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତର କଲଣ ସାପ୍ତାହିକ ହାଟକୁ ୨ ସପ୍ତାହ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି ସ୍ଥାନୀୟ ସରପଞ୍ଚ ସଙ୍ଗୀତାରାଣୀ ସାହୁ । ହାଟରେ କରୋନା କଟକଣା ଅନୁପାଳନ ହେଉ ନ ଥିବା ଓ ହାଟରୁ କରୋନା ବ୍ୟାପିବା ଆଶଙ୍କା କରି ସରପଞ୍ଚ ଏଭଳି ନିଷ୍ପତ୍ତି ନେଇଛନ୍ତି । କରୋନା ଏବେ ଗାଁ ମୁହାଁ ହୋଇଛି । ଗାଁର ବହୁ ଲୋକେ କରୋନାରେ ଆକ୍ରାନ୍ତ ହୋଇ ଘରେ ସଙ୍ଗରୋଧରେ ରହୁଛନ୍ତି । ହାଟରେ କରୋନା ଆକ୍ରାନ୍ତଙ୍କ ପରିବାର ଲୋକେ ବୁଲାବୁଲି କରୁଥିବା ଅଭିଯୋଗ ହେଉଥିଲା । ଅଧିକାଂଶ ଲୋକେ ମୁହଁରେ ଠିକ୍ ଭାବେ ମୁଖା ନ ପିନ୍ଧି ହାଟରେ ବୁଲୁଛନ୍ତି । ଏ ସବୁ ଦିଗ ପ୍ରତି ଦୃଷ୍ଟି ରଖି ସରପଞ୍ଚ ହାଟକୁ ବନ୍ଦ ଘୋଷଣା କରିଛନ୍ତି ।

# ଗୁଣବତ୍ତା, ଫିଫୋ ନୀତିରେ ବ୍ୟତିକ୍ରମ

ଯାଜପୁର ଅଫିସ,୭/୬

ଗୁଣବତ୍ତା ନିୟନ୍ତ୍ରଣ ସ୍କ୍ୱାଡ୍ ଦ୍ୱାରା ଅତର୍କିତ ନିରୀକ୍ଷଣ ସମୟରେ କେତେକ ଚାଉଳ ସଂଗ୍ରହ କେନ୍ଦ୍ର (ଆର୍‌ଆର୍‌ସି)ରେ ନିମ୍ନମାନର ତଥା ବ୍ୟବହାର ଅନୁପଯୋଗୀ ଚାଉଳ ଦେଖିବାକୁ ମିଳିଛି, ଯାହାକି ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଗୁଣବତ୍ତା ଦୃଷ୍ଟିରୁ ଅସଙ୍ଗତି ରହିଛି। ଏହାବାଦ ଫାଷ୍ଟ ଇନ୍ ଫାଷ୍ଟ ଆଉଟ୍ (ଫିଫୋ) ନୀତି ଅନୁସାରେ ବ୍ୟତିକ୍ରମ ଦେଖାଯାଇଛି। କାରଣ ଏକ ନିର୍ଦ୍ଦିଷ୍ଟ ସମୟରେ ମିଲର୍ସମାନଙ୍କଠାରୁ ଯେତେ ପରିମାଣର ଚାଉଳ ଆର୍‌ଆର୍‌ସିରେ ଦାଖଲ କରାଯାଉଛି ସେହି ଅନୁପାତରେ ଖାଉଟିଙ୍କ ନିମନ୍ତେ ପଠାଯିବା ବ୍ୟବସ୍ଥା ହେଉ ନ ଥିବା ଜଣାପଡ଼ିଛି।

ତେଣୁ ସମ୍ପୃକ୍ତ କେନ୍ଦ୍ରଗୁଡ଼ିକରେ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଅନ୍ୟୂନ ମାସକୁ ଥରେ ଅତର୍କିତ ନିରୀକ୍ଷଣ କରି ରିପୋର୍ଟ ଦାଖଲ କରିବାକୁ ଜିଲା ଯୋଗାଣ ଅଧିକାରୀମାନଙ୍କୁ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଯାଜପୁର ଜିଲାର ଗୋଦାମ ଗୃହଗୁଡ଼ିକର ପ୍ରୋକ୍ୟୁରମେଣ୍ଟ ଇନ୍ସପେକ୍ଟରଙ୍କୁ ହାତକରି ମିଲର୍ସମାନେ ଅତି ନିମ୍ନମାନର ତଥା ବ୍ୟବହାର ଅନୁପଯୋଗୀ ବିଆର୍‌ଏଲ୍ (ବିଲୋ ରିଜେକ୍ସନ ଲିମିଟ୍) ଚାଉଳ ଦାଖଲ କରୁଛନ୍ତି ବୋଲି ଖାଉଟି ଫୋରମ ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ସବିଶେଷ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଯୋଗାଣ ନିଗମ ପକ୍ଷରୁ ଉପରୋକ୍ତ ତତ୍ପରତା ପ୍ରକାଶ ପାଇଛି। ସରକାରୀ ନୀତି ଅନୁସାରେ ଆର୍‌ଆର୍‌ସିରେ ଗଚ୍ଛିତ ଚାଉଳର ଗୁଣବତ୍ତା, ପରିମାଣ ଠିକ୍ ଅଛି କି ନାହିଁ ତାହା ରିପୋର୍ଟରେ ଦର୍ଶାଇବାକୁ ନିର୍ଦ୍ଦେଶ ହୋଇଛି। ତେବେ ଯୋଗାଣ ନିଗମର ଏହି ନିର୍ଦ୍ଦେଶ ଠିକ ଭାବେ କାର୍ଯ୍ୟକାରୀ ହେଲେ ମିଲର୍ସମାନେ ଖାଉଟିଙ୍କ ପାଇଁ ଉପଯୋଗୀ ଚାଉଳ ଦାଖଲ କରିବେ ବୋଲି ଆଶା କରାଯାଉଛି। କିନ୍ତୁ ଏଠାରେ ଆର୍‌ଆର୍‌ସି ଦାୟିତ୍ୱରେ ରହିଥିବା ଅଧିକାରୀ ଏବଂ ମିଲର୍ସମାନଙ୍କ ମଧ୍ୟରେ ଦୀର୍ଘଦିନ ଧରି ମଧୁଚନ୍ଦ୍ରିକା ରହିଛି। ତେଣୁ ଅଧିକାଂଶ ମିଲର୍ସ ନିମ୍ନମାନର ଚାଉଳ ଦାଖଲ କରୁଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି।



### ଆରଆରସିରେ ନିମ୍ନମାନର ଚାଉଳ

### ମାସକୁ ଥରେ ଅତର୍କିତ ଯାଞ୍ଚ ନିର୍ଦ୍ଦେଶ

ଆର୍‌ଆର୍‌ସିରୁ ବଣ୍ଟନକାରୀ ସଂସ୍ଥାକୁ ଚାଉଳ ଯାଉଛି। ତାହା ସେଠାରୁ ଅନ୍ୟ ଏକ ଟ୍ରକରେ ଯାଉଛି ମିଲର୍ସଙ୍କ ଗୋଦାମକୁ। ପରବର୍ତ୍ତୀ ମୁହୂର୍ତ୍ତରେ ସେହି ଚାଉଳ ପୁଣି ଆର୍‌ଆର୍‌ସିରେ ହାଜର। କେତେଜଣ ଲୋକ ଅଧିକାରୀମାନଙ୍କୁ ହାତ କରି ପରିବାର ପିଛା ୨/୩ଟି ପଡିକାର୍ଡ ହାତଉଛନ୍ତି। ଯୋଗାଣ ବିଭାଗ ନିର୍ଦ୍ଦେଶ ହେଲା ଯେ, ଯେକୌଣସି ହିତାଧିକାରୀ ନିଜେ କାର୍ଡ ଧରି ନ ଗଲେ ଚାଉଳ ଦେବା ମନା। ହେଲେ କେତେକାଂଶରେ ଏହି ହିତାଧିକାରୀମାନେ କାର୍ଡଧରି ଗଲେ ବଣ୍ଟନକାରୀଙ୍କଠାରୁ ଟଙ୍କା ଧରି ଆସୁଛନ୍ତି। କିଲୋ ପିଛା ୧୦ ଟଙ୍କାରେ ସେଇ ବଣ୍ଟନକାରୀ ସଂସ୍ଥା ଚାଉଳକୁ ରଖିଦେଉଛି। ଯେଉଁ ଲୋକମାନେ ଚାଉଳ ଆଣିବାକୁ ଯାଉନାହାନ୍ତି ସେମାନେ ଅନ୍ୟକୁ ୧୫୦/୨୦୦ ଟଙ୍କାରେ କାର୍ଡକୁ ବିକ୍ରି କରି ଦେଉଛନ୍ତି। ସେହିପରି ଅନେକ ହିତାଧିକାରୀ ପିଡିଏସ୍ ଚାଉଳ ଖାଉନାହାନ୍ତି। ତେଣୁ ବିକିବା ସାର ହେଉଛି। ସେହି ଚାଉଳ ପଞ୍ଚାୟତଗୁଡ଼ିକଠାରୁ ଖୋଲାଖୋଲି କୁଇଣ୍ଟାଲ ପିଛା ୧୦୦୦ରୁ ୧୨୦୦ ଟଙ୍କାରେ ମିଲର୍ସ ପାଖକୁ ବିକ୍ରି ହୋଇଯାଉଛି। ମିଲର୍ସମାନେ ତାହାକୁ ସରକାରୀ ଗୋଦାମରେ ଅଧିକ ଟଙ୍କାରେ ବିକ୍ରି କରି ମୁନାଫା ପାଉଥିବା ଅଭିଯୋଗ ହେଉଛି। ଏହି ରିସାଇକ୍ଲିଂ ବ୍ୟବସ୍ଥାକୁ ଯୋଗାଣ ବିଭାଗ ଜାଣିଶୁଣି କୌଣସି ଅଙ୍କୁଶ ଲଗାଉ ନ ଥିବା ଅଭିଯୋଗ ହେଉଥିବାବେଳେ ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାସ୍ତରରେ ଏକ ସ୍କ୍ୱାଡ୍ ନିୟମିତ ଭାବେ ଆର୍‌ଆର୍‌ସିଗୁଡ଼ିକର ଯାଞ୍ଚ କରୁଛନ୍ତି। ତେଣୁ ନିମ୍ନମାନର ଚାଉଳ ଦାଖଲ ହେବା ଅସମ୍ଭବ। ଏଥିପ୍ରତି ଜିଲା ଯୋଗାଣ ବିଭାଗ ସତର୍କ ରହିଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ରସୁଲପୁର,୭/୬(ଡି.ଏନ୍.ଏ.)

କୁଆଖିଆ ଥାନା ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗ୍ରାମର ଗୁରୁଦେବ ଗୁଇଁ(୪୩) ନାମକ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ରବିବାର ରାତି ପ୍ରାୟ ୯ଟାରେ ପାଲାମଣ୍ଡପସ୍ଥିତ ଏକ କୋଠଘରୁ ତାଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ତାକୁ କେହି ହତ୍ୟା କରି ସେଠାରେ ଝୁଲାଇ ଦେଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି । ସୂଚନା ଅନୁଯାୟୀ, ଗୁରୁଦେବ ଗତ କିଛିଦିନ ତଳେ ପରିବାର ଲୋକଙ୍କ ଅଗୋଚରରେ ବାପାଙ୍କୁ ହାତକରି ଏକ ଜମି ବିକ୍ରି କରିଦେଇଥିଲେ। ଏକଥା ଜାଣିବା ପରେ ଘରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସ୍ଥାନୀୟ ଅଞ୍ଚଳର କୌଣସି ବ୍ୟକ୍ତି କୌଶଳକ୍ରମେ ଗୁରୁଦେବଠାରୁ ଜମି କିଣି ନେଇଥିବା କୁହାଯାଉଛି । ଏହି ବିବାଦରୁ ମୁକୁଳିବା ପାଇଁ ତାକୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି । ଉକ୍ତ ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ପରିବାର ପକ୍ଷରୁ ଦାବି ହୋଇଛି । ପୋଲିସ ଏକ ମାମଲା (ନଂ.୧୯୯/୨୧) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ଯନ୍ତ୍ରୀ-ସରପଞ୍ଚ ସ୍ୱାମୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ଭାଇରାଲ

**ଯାଜପୁର ଅଫିସ,୭/୬:** ଯାଜପୁର ଜିଲାର ଜଣେ ମହିଳା ଯନ୍ତ୍ରୀ ଏବଂ ବଡ଼ଚଣା ବ୍ଲକର ଜଣେ ସରପଞ୍ଚଙ୍କ ସ୍ୱାମୀଙ୍କ ମଧ୍ୟରେ ଅନ୍ତରଙ୍ଗ ମୁହୂର୍ତ୍ତର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉଭୟ ବିବାହିତ ଥିବାବେଳେ ଏଭଳି ପରକୀୟା ପ୍ରୀତିକୁ ନେଇ ବେଶ୍ ଚର୍ଚ୍ଚା ଚାଲିଛି। କିଛି ବର୍ଷ ପୂର୍ବେ ଏଭଳି ଏକ ଘଟଣା ପାଇଁ ଜଣେ ମହିଳା ପିଇଓଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହୋଇଥିଲା। ଏବେ ଏହି ଫଟୋ ଭାଇରାଲ ହେବା ପରେ ଉକ୍ତ ପିଇଓଙ୍କ କାହାଣୀ ମନେ ପଡ଼ିଯାଉଛି।

### ନାବାଳିକା ବିବାହକୁ ରୋକିଲା ଚାଇଲ୍ଡ ଲାଇନ

ଯାଜପୁର ଟାଉନ,୭/୬(ଡି.ଏନ୍.ଏ.): ଯାଜପୁର ସଦର ଥାନା ଅଧୀନ ଖଇରାବାଦ ପଞ୍ଚାୟତ ଅଢଙ୍ଗ ପୁରୁଷୋତ୍ତମପୁର ଗ୍ରାମ ଖ୍ୱାଜାସାହିରେ ଜଣେ ନାବାଳିକାଙ୍କ ବିବାହକୁ ଚାଇଲ୍ଡଲାଇନ ଅଟକାଇଛି । ସଂପୃକ୍ତା ନାବାଳିକାଙ୍କୁ ଚାଇଲ୍ଡ ଲାଇନ ହେପାଜତରେ ରଖାଯାଇଛି । ୧୭ ବର୍ଷୀୟା ଏହି ନାବାଳିକାଙ୍କ ବିବାହ ପାଇଁ ସୋମବାର ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିଲା । ଏ ସଂକ୍ରାନ୍ତରେ ଚାଇଲ୍ଡଲାଇନର ୧୦୯୮ ହେଲ୍ପ ଲାଇନ ନମ୍ବରରେ ଫୋନ୍ ଆସିବାରୁ କାଉନ୍‌ସିଲର ସସ୍ମିତା ପାତ୍ର, ଟିମ୍ ମେମ୍ବର ମମତା ମଞ୍ଜରୀ ସାହୁ, ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନାର ସ୍ଥାନୀୟ ସୁପରଭାଇଜରଙ୍କୁ ନେଇ ପୋଲିସ ସହାୟତାରେ ସେଠାରେ ଚଢ଼ାଉ କରାଯାଇଥିଲା । ସ୍କୁଲ ସାର୍ଟିଫିକେଟରେ ଝିଅର ଜନ୍ମ ତାରିଖ ୨୦୦୪ ଜୁନ୍ ୨ ଅର୍ଥାତ୍ ୧୭ ବର୍ଷ ବୋଲି ଉଲ୍ଲେଖ ଥିଲା । ନାବାଳିକାଙ୍କୁ ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ବରଦା ଗ୍ରାମର ଜଣେ ଯୁବକଙ୍କ ସହ ବିବାହ ପାଇଁ ସ୍ଥିର କରାଯାଇଥିଲା। ସିଡିପିଓ ସରିତା ନାୟକଙ୍କ ଅଭିଯୋଗ କ୍ରମେ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି ।

### ବାଲିଘାଟ ବନ୍ଦ ଦାବି ଜୋର ଧରିଲା

**ଧର୍ମଶାଳା,୭/୬(ଡି.ଏନ୍.ଏ.):** ଧର୍ମଶାଳା ତହସିଲ ଅଧୀନ କେଲୁଅ ନଦୀର ଉତ୍ତରପ୍ରତାପ ବାଲିଘାଟକୁ ନେଇ କିଛି ଦିନ ହେବ ଉତ୍ତେଜନା ଲାଗି ରହିଛି। ଏହି ବାଲିଘାଟକୁ ବନ୍ଦ କରିବା ଦାବିରେ ୩ଦିନ ତଳେ ଗ୍ରାମର ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସୋମବାର ଗ୍ରାମବାସୀଙ୍କ ଏହି ଦାବିକୁ ସମର୍ଥନ ଜଣାଇଛନ୍ତି ଭାଜପା ନେତ୍ରୀ ସ୍ମୃତିରେଖା ପହି। ପହି ନିଜ ସମର୍ଥକମାନଙ୍କ ସହ ସୋମବାର ଉତ୍ତରପ୍ରତାପ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜନବସତି ମଧ୍ୟରେ ଥିବା ଏହି ବାଲିଘାଟ ନିଲାମକୁ ନେଇ ସେ ପ୍ରଶ୍ନ କରିଛନ୍ତି। ଦୈନିକ ଉକ୍ତ ବାଲିଘାଟରୁ ଶତାଧିକ ଟ୍ରିପ ବାଲି ଚାଲାଣ ହେବା ଦ୍ୱାରା ଗ୍ରାମବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ସେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ ଏହି ବାଲିଘାଟକୁ ବନ୍ଦ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

### ବିଞ୍ଝାରପୁର ବ୍ଲକର ଏକାଧିକ ସ୍ଥାନ କଣ୍ଟେନମେଣ୍ଟ ଜୋନ୍

**ବିଞ୍ଝାରପୁର,୭/୬(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକର ଏକାଧିକ ସ୍ଥାନକୁ ୮ରୁ ୧୭ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି । ବ୍ଲକର ସିଂହପୁର, ବାଚ୍ଛୋଳ, ବାଳମୁକୁଳି, ବିଞ୍ଝାରପୁର, ସୟଦପୁର, ମଇନ୍ଦା, ତାଉନ୍ତରା, ଚିକଣା, ଉତ୍ତଙ୍ଗରା, ପ୍ରୀତିପୁର, ଡିହକୂଳା, ଅଳକୁଣ୍ଡ ସମେତ ସିଂହପୁର ହାଟ, ବାଳମୁକୁଳି ହାଟ, ବିଞ୍ଝାରପୁର ହାଟ, ବିତନା ହାଟ, ଉତ୍ତଙ୍ଗରା ହାଟ, ଡିହକୁଳା ହାଟକୁ ୧୭ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି । ସେହିପରି ବ୍ଲକର ବିଭିନ୍ନ ସ୍ଥାନରେ ଥିବା ମନ୍ଦିରକୁ କଣ୍ଟେନମେଣ୍ଟ ଅନ୍ତର୍ଭୁକ୍ତ କରାଯାଇଛି । ଏ ସମ୍ପର୍କରେ ବିଡିଓ ମିନତି ଜଗଦେବଙ୍କୁ ପଚାରିବାରୁ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପୁରା ବ୍ଲକ ଅଞ୍ଚଳକୁ ୮ ଦିନ ଶଟ୍‌ଡାଉନ କରିବା ପାଇଁ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଗତ ଶୁକ୍ରବାର ଜିଲାପାଳଙ୍କ ନିକଟକୁ ଏକ ପତ୍ର ମାଧ୍ୟମରେ ଜଣାଇଥିଲେ । ଜିଲାପାଳ କହିଥିଲେ, ବ୍ଲକ ଅଞ୍ଚଳକୁ ଶଟ୍‌ଡାଉନ କରାଯାଇ ପାରିବ ନାହିଁ । ସରପଞ୍ଚ ଚାହିଁଲେ ନିଜ ଅଞ୍ଚଳର ଜନଗହଳିପୂର୍ଣ୍ଣ ସ୍ଥାନକୁ କଣ୍ଟେନମେଣ୍ଟ ଭାବେ ଘୋଷଣା କରିପାରିବେ । ସୋମବାର ସରପଞ୍ଚମାନେ ଏଭଳି ନିଷ୍ପତ୍ତି ନେଇଛନ୍ତି ।

# ରାତିଅଧିଆ ମାଙ୍କଡ଼ା ପଥର ଲୁଟ୍

ଯାଜପୁର ଅଫିସ/ ରଗଡ଼ି(ଡି.ଏନ.ଏ.),୭/୬

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନରେ ଲଘୁ ଖଣିଜ ସମ୍ପଦର ପ୍ରାଚୁର୍ଯ୍ୟ ରହିଛି। ହେଲେ ଯେଉଁ ପରିମାଣରେ ରାଜସ୍ୱ ଆଦାୟ ହେବା କଥା ତାହା ହେଉନାହିଁ। କେତେଜଣ ଜିଲା ଓ ତହସିଲସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ଲାଭଖୋର ମନୋଭାବ ଯୋଗୁ ରାଜ୍ୟ ରାଜକୋଷକୁ ଆବଶ୍ୟକ ପରିମାଣର ରାଜସ୍ୱ ମିଳୁନାହିଁ। ଅନୁମୋଦିତ ପରିମାଣଠାରୁ ବହୁ ଗୁଣରେ ବାଲି, ମୋରମ ଚୋରାଚାଲାଣ ଅଭିଯୋଗ ପରେ ଏବେ ମାଙ୍କଡା ପଥର ଲୁଟ୍ ଘଟଣା ସାମ୍ନାକୁ ଆସିଛି। ଏହି ତହସିଲର କନ୍ତୋର ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ପୂର୍ବକୋଟ ମୌଜାରୁ ରାତିଅଧିଆ ବେଆଇନ ଭାବେ ମାଙ୍କଡ଼ାପଥର କାଟି ଚଢ଼ାଦରରେ ବିକ୍ରି ହେଉଛି। ଏହାପରେ ଜମିରେ ସୃଷ୍ଟି ହୋଇଥିବା ଉକ୍ତ ଗର୍ତ୍ତକୁ ପୋଖରୀ ଖୋଳିବା ବାହାନାରେ ମୋ ପୋଖରୀ ଯୋଜନାରେ ମିଥ୍ୟା ବିଲ୍ କରି ଲକ୍ଷାଧିକ ଟଙ୍କା ହଡ଼ପ କରିବାକୁ ମସୁଧା ଚାଲିଥିବା ଚର୍ଚ୍ଚା ହେଉଛି। ପୋଖରୀ ଖୋଳିବାର ମିଥ୍ୟା ଆଳରେ ରୀତିମତ ମେଶିନ ସାହାଯ୍ୟରେ ମୂଲ୍ୟବାନ ମାଙ୍କଡା ପଥର କାଟି ଭୋର ସମୟରେ ତାହାକୁ ସ୍ଥାନୀୟ ଅଞ୍ଚଳରେ ଟ୍ରିପ ପିଛା ୭ ହଜାର ଟଙ୍କାରେ ବିକ୍ରି ହେଉଛି। ପୂର୍ବକୋଟ ମୌଜାରୁ ୪ ମାସ ହେବ ମୋରମ ମାଫିଆମାନେ ୧୫ରୁ ଊର୍ଦ୍ଧ୍ୱ ପୋଖରୀ ଖନନ କରି ମାଟି, ମୋରମ ଚୋରାଚାଲାଣ କରିଥିଲେ ମଧ୍ୟ ରାଜସ୍ୱ ବିଭାଗ ଏଥିପ୍ରତି କୌଣସି ଦୃଷ୍ଟି ଦେଇନାହିଁ। ଏହି ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ପ୍ରସଙ୍ଗରେ ବ୍ୟାସନଗର ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜସ୍ୱ ବିଭାଗ ସାହସ ଜୁଟାଇ ପାରୁନାହିଁ। ବରଂ ଏହି ମୂଲ୍ୟବାନ ଲଘୁ ଖଣିଜ ଦ୍ରବ୍ୟ ପରିବହନରେ ନକଲି ଟିପି(ଟ୍ରାନଜିଟ୍ ପାସ୍) ବ୍ୟବହାର କରାଯାଉଛି ବୋଲି ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ କନ୍ତୋର ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ଦେହୁରୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ମେଶିନରେ ପଥର କଟାଚାଲିଛି।

### ବ୍ୟାସନଗର ତହସିଲ

- କାର୍ଯ୍ୟାନୁଷ୍ଠାନ ବଦଳରେ ସହଯୋଗ
- ଲଘୁ ଖଣିଜ ଲୁଟ୍ ପାଇଁ ନକଲି ଟିପି

## ଟାଟା ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

କଳିଙ୍ଗନଗର,୭/୬(ଡି.ଏନ.ଏ.)

କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ୍ ପକ୍ଷରୁ ଓଡ଼ିଶାର ବିଭିନ୍ନ କର୍ମକ୍ଷେତ୍ରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ପରିବେଶ ସୁରକ୍ଷା ପାଇଁ କମ୍ପାନୀ ଜୁନ୍‌କୁ ନିରନ୍ତରତା ମାସ ଭାବେ ପାଳନ କରିବ । ଟାଟା ଷ୍ଟିଲର ସୁରକ୍ଷା, ସ୍ୱାସ୍ଥ୍ୟ ଓ ନିରନ୍ତରତା ବିଭାଗ ଉପସଭାପତି ସଞ୍ଜୀବ ପଲ୍ କହିଛନ୍ତି, କ୍ଷତିଗ୍ରସ୍ତ ପରିବେଶର ପୁନରୁଦ୍ଧାର କରିବାର ଜରୁରୀକାଳୀନ ଆବଶ୍ୟକତା ପୂର୍ବରୁ କେବେ ପଡ଼ି ନ ଥିଲା। ଏକ ଉତ୍ତମ ଭବିଷ୍ୟତ ଲାଗି ବର୍ତ୍ତମାନର ପୁନରୁଦ୍ଧାର ମିଶନ୍ ପ୍ରତି ଟାଟା ଷ୍ଟିଲ୍‌ର ପ୍ରତିବଦ୍ଧତା ରହିଛି। କଳିଙ୍ଗନଗର, ଯୋଡ଼ା, ଖଣ୍ଡବନ୍ଧ, ବିଛାକୁଣ୍ଡି, ବାହ୍ମଣୀପାଳ, ନୂଆମୁଣ୍ଡି ଓ ଜାମସେଦପୁର ଭଳି ସ୍ଥାନରେ ଥିବା ଆମର ବିଭିନ୍ନ କାରଖାନା ଓ ଖଣି ଅଞ୍ଚଳରେ ବୃକ୍ଷରୋପଣ ସହିତ ଦିନଟି ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ସମସ୍ତ କର୍ମଚାରୀଙ୍କ ଲାଗି ଏକ ପ୍ଲେନାରି ୱେବିନାର୍ ଆୟୋଜନ କରାଯାଇଥିଲା, ଯାହା ପରିବେଶ ଉତ୍କର୍ଷ ସବୁଜ ପୁରସ୍କାର ୨୦୨୧ ସହ ଶେଷ ହୋଇଥିଲା। ଏହି ୱେବିନାର୍‌ରେ ଡକ୍ଟର ମାରିୟାନ୍ ଚେର୍‌ଟୋ, ନିର୍ଦ୍ଦେଶକ, ସେଣ୍ଟର୍ ଫର୍ ଇଣ୍ଡଷ୍ଟ୍ରିଆଲ୍ ଇକୋଲୋଜି, ୟେଲ୍ ସ୍କୁଲ୍ ଫର୍ ଏନଭାର୍ନମେଣ୍ଟଙ୍କ ସହିତ ଉପସଭାପତି ପଲ ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍ କଳିଙ୍ଗନଗରରେ ପ୍ଲଟ୍-୨ ହାଉସିଂ କଲୋନୀ ଓ ପ୍ଲାଣ୍ଟର ଅନ୍ୟାନ୍ୟ ସ୍ଥାନରେ ୨୦୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା।

## ଧାଉଡିଆପଦା ପାହାଡ଼ରେ ୧୪୪ ଧାରା ଜାରି

ଚଣ୍ଡିଖୋଲ,୭/୬(ଡି.ଏନ.ଏ.)

ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନରେ ରହିଥିବା କେତେକ ପାହାଡ଼ରେ ପଥର ଚୋରା ଚାଲାଣକାରୀମାନେ ସକ୍ରିୟ ହୋଇ ଉଠିଛନ୍ତି । ସେଥିପାଇଁ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛନ୍ତି। ଏହାକୁ ନେଇ ସୋମବାର ଅସିଆ–ଚାରିନଙ୍ଗଳ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଥିବା ଧାଉଡିଆପଦା ପାହାଡ଼ରେ ଦର୍ପଣ ତହସିଲ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ବିଶେଷ କରି ଧାଉଡିଆପଦା ପାହାଡର ଖାତା ସଂଖ୍ୟା ୭୬୧ ଓ ପ୍ଲଟ ନଂ.୧୧୨ ଓ ୭୪୮ର ପ୍ରାୟ ୮୮ ଏକର ପରିମିତ ସ୍ଥାନରେ ୧୪୪ ଧାରା ଜାରି କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି ।

ତହସିଲ ପକ୍ଷରୁ ଦର୍ଶାଯାଇଛି, ମାଫିଆମାନେ ପାୱାରଟିଲର, ଜେସିବ ଓ ଶ୍ରମିକମାନଙ୍କ ଦ୍ୱାରା ବେଆଇନ ଭାବେ ଖନନ କରି ଲଘୁ ଖଣିଜ ଚାଲାଣ କରୁଛନ୍ତି । ସେହି ସ୍ଥାନକୁ ପାୱାରଟିଲର, ଜେସିବ, ଖନନରେ ବ୍ୟବହୃତ ମେଶିନ ପ୍ରବେଶକୁ ବାରଣ କରାଯାଇଛି । ଉକ୍ତ ପାହାଡ଼ର କୌଣସି ଅଂଶ ଲିଜ୍ ନ ଥିବା ବେଳେ ପ୍ରତିଦିନ ରାତିରେ ଖନନ କରାଯାଇ ଭୋରୁ ଶତାଧିକ ଟ୍ରିପ ମୋରମ ବୋଲଡର ଚାଲାଣ ହେଉଛି। ଏପରିକି ବନବିଭାଗ ତରଫରୁ ବନୀକରଣ କରାଯାଇଥିବା ସ୍ଥାନରୁ ଶତାଧିକ ଗଛ କାଟି ମାଫିଆମାନେ ୫୦ ଫୁଟ ଗଭୀର ପୋଖରୀ ସୃଷ୍ଟି କରିସାରିଲେଣି । ଫଳରେ ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ପ୍ରତି ବିପଦ ସୃଷ୍ଟି ହୋଇଛି । ଉଦୟଗିରି ବୌଦ୍ଧବିହାର ପ୍ରାଚୀର ସୀମାରେ ମଧ୍ୟ ଏଭଳି ଖନନ କରାଯାଉଛି । ଏନେଇ ବହୁ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା । ଦର୍ପଣ ତହସିଲ ପକ୍ଷରୁ ଇତିମଧ୍ୟରେ ୨ ଥର ଚଢାଉ କରାଯାଇ ବେଆଇନ ଲଘୁ ଖଣିଜ ଉତ୍ତୋଳନ କରୁଥିବା ଏକାଧିକ ଗାଡି ଜବତ କରାଯାଇଥିଲା।


**INSTITUTE OF MATHEMATICS AND APPLICATIONS**
Andharua, Bhubaneswar-751029
(Established by the Govt. of Odisha)
**Under Science & Technology Department**
**Ref: No. IMA/42-Admission/322 /2021 Date: 07/06/2021**

**ADMISSION NOTICE FOR THE ACADEMIC YEAR 2021-22**

**No. CAD-406**

The Institute of Mathematics and Applications (IMA) is a premier institute well known for its unique teaching, research and training activities. The vision of IMA is to generate, disseminate, and preserve knowledge in mathematical science and related discipline and to use this knowledge for promoting welfare of the people. The aim of the institute is to strive for excellence and spread the culture of mathematical competence at all levels of the society. Its serene environment and beautiful campus atmosphere provide perfect setting for a professionally rewarding educational experience. The students are nurtured by competent teachers and the progress of the institute is monitored by a body of renowned academicians. After completing the course, the students get themselves absorbed in reputed R&D institutions, foreign Universities and Multi-National Companies. IMA conducts its own entrance test to intake students into the following courses offered by the institute.

1. **Undergraduate Course (Three Years Duration):**
   - **B.Sc.(Hons.) in Mathematics and Computing, Intake: 30 (Thirty)**
     **Eligibility:** A candidate seeking admission to this programme should have passed Higher Secondary Examination or equivalent examination with Mathematics and English as subjects.
2. **Postgraduate Courses (Two Years Duration):**
   - **M.A./M.Sc. in Computational Finance, Intake: 30 (Thirty)**
   - **M.A./M.Sc. in Mathematics with Data Science, Intake: 30 (Thirty)**
     **Eligibility:** A candidate seeking admission to these programmes should have passed Bachelor's Degree with Mathematics/Statistics as honours/pass subject.

The detailed procedure of application, fees, centers of entrance test etc. are available in the IMA website link https://www.iomaorissa.ac.in/admissions

sd/
DIRECTOR

OIPR-28006/11/0001/2122


# ମୁକୁଳା ପଡ଼ିଛି ବୋଦୁଅ ଘେରିବନ୍ଧ

ବରୀ,୭/୬(ଡି.ଏନ.ଏ.)

ଗତବର୍ଷ ବନ୍ୟାରେ ବରୀରେ ଏକାଧିକ ଘାଇ ସୃଷ୍ଟି ହୋଇଥିଲା । ବିଭିନ୍ନ ଗାଁ ଓ ଚାଷଜମି ଜଳମଗ୍ନ ହେବା ଯୋଗୁ ୨ସପ୍ତାହ ଧରି ଧନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ସରକାରଙ୍କ ତରଫରୁ ତୁରନ୍ତ ଘାଇ ମରାମତି କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ହେଲେ ଅଦ୍ୟାବଧି ଯାଜପୁର ଜିଲା ଜଳସମ୍ପଦ ବିଭାଗ ଅଧୀନ ବୋଦୁଅ ଘେରିବନ୍ଧରେ ସୃଷ୍ଟି ହୋଇଥିବା ଘାଇ ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକେ ଚିନ୍ତାରେ ଅଛନ୍ତି। ଆଗକୁ ବର୍ଷାଋତୁ ଆସୁଥିବାରୁ ଘାଇ ମରାମତି ଉପରେ ଗ୍ରାମବାସୀ ଗୁରୁତ୍ୱାରୋପ କରିଛନ୍ତି ।

ସୂଚନାଯୋଗ୍ୟ, ଖରସ୍ରୋତା ନଦୀର ଶାଖା ତନ୍ତୀଘାଇର ବାମପାର୍ଶ୍ୱରେ ଥିବା ଘେରିବନ୍ଧରେ ୨ଟି ଘାଇ ସୃଷ୍ଟି ହୋଇଥିଲା। ଏହି ଘାଇ ଯୋଗୁ ବୋଦୁଅ, କୁସୁକା, କନ୍ତିଆ, ସରବରା ସମେତ ବହୁ ରାଜସ୍ୱ ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା। ଚଳିତ ମାସ ୧୦ ତାରିଖରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିବା ପରେ ମଧ୍ୟ ସେହି ଘେରିବନ୍ଧ ମରାମତି ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ବନ୍ୟା ଆସିଲେ ବରୀ ବ୍ଲକ୍‌ର ଉପରୋକ୍ତ ରାଜସ୍ୱ ଗ୍ରାମ ସହିତ ବହୁ ତଳିଆ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ରହିଛି। ସରକାରଙ୍କ ତରଫରୁ ପ୍ରାକ୍ ମୌସୁମୀ ବର୍ଷା ପୂର୍ବରୁ ସୃଷ୍ଟି ହୋଇଥିବା ଘାଇ ମରାମତି କାମ ଶେଷ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ହେଲେ ବୋଦୁଅ ଘେରିବନ୍ଧରେ ଘାଇ ମରାମତିକୁ ଗୁରୁତ୍ୱ ନ ଦେବା ଜଳସମ୍ପଦ ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷ କରି ସ୍ଥାନୀୟ ଲୋକେ ଘେରିବନ୍ଧ ମରାମତି ପାଇଁ ଯାଜପୁର ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ତଥାପି ମରାମତି କାମ ଆରମ୍ଭ ହୋଇ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ କହିଛନ୍ତି, ଘାଇ ମରାମତି ପାଇଁ କୌଣସି ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇନାହିଁ । ଖୁବ୍ ଶୀଘ୍ର ଘାଇ ମରାମତି କାମ ଶେଷ କରିବାକୁ ପଦକ୍ଷେପ ନିଆଯିବ।



ବୋଦୁଅ ଘେରିବନ୍ଧରେ ସୃଷ୍ଟି ହୋଇଥିବା ଘାଇ ।

### ଆଗକୁ ବର୍ଷା, ଚିନ୍ତାରେ ଗ୍ରାମବାସୀ

# ରାସ୍ତା ନବୀକରଣ ଶିଳାନ୍ୟାସ

ଧର୍ମଶାଳା,୭/୬(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଧୀନ ଜାରକା ଶିଳ୍ପାଞ୍ଚଳ ରାସ୍ତାର ନବୀକରଣ ପାଇଁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସୋମବାର ଶିଳାନ୍ୟାସ କରିଛନ୍ତି। ଧର୍ମଶାଳା–କବାଟବନ୍ଧ ରାସ୍ତାକୁ ସଂଯୋଗ କରୁଥିବା ଏହି ରାସ୍ତାକୁ ଦୀର୍ଘ ବର୍ଷ ହେଲା ମରାମତି କରା ନ ଯିବା ଫଳରେ ଯାତାୟାତ ଅନୁପଯୋଗୀ ହୋଇପଡ଼ିଥିଲା । ଏଥିଯୋଗୁ ସେହି ରାସ୍ତାରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ନବୀକରଣ ଓ ପ୍ରଶସ୍ତୀକରଣ ପାଇଁ ଟେଣ୍ଡର କରାଯାଇ ଠିକାଦାରଙ୍କୁ ନିଯୁକ୍ତି ଦିଆଯାଇଛି । ୧ କୋଟି ୫୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତାରେ ସ୍ଥାନୀୟ ୧୦ ପଞ୍ଚାୟତର ଲୋକେ ଉପକୃତ ହୋଇପାରିବେ। ଶିଳାନ୍ୟାସ କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ଦାସ, ବ୍ଲକ ବିଜେଡି ସଭାପତି କ୍ଷିତୀଶ ନାୟକ, ଅକ୍ଷୟ ନାୟକ, ପ୍ରତାପ ପ୍ରଧାନ, ଅଭୟ ରାଉତ ଓ କାଳିନ୍ଦୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋରୁ ଗାଡ଼ି ଜବତ, ୨ ଗିରଫ

ବାଲିଚନ୍ଦ୍ରପୁର,୭/୬(ସ୍ୱ.ପ୍ର.)

ବାଲିଚନ୍ଦ୍ରପୁର ଥାନା ପୋଲିସ ରବିବାର ଏକ ଗୋରୁ ଗାଡ଼ି(ନଂ.ଓଡ଼ି ୦୪ କେ ୬୬୮୬) ଜବତ କରିଛି। ଜବତ ସମୟରେ ଉକ୍ତ ଗାଡ଼ିରେ ୨୪ ଗୋରୁ ଅତି ଦୟନୀୟ ଅବସ୍ଥାରେ ଥିଲେ । ହେଲେ ପୋଲିସ କାଗଜପତ୍ରରେ ୧୬ ଦର୍ଶାଇଛି । ଆଉ ୮ ଗୋରୁ କୁଆଡ଼େ ଗଲେ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷେ ବାଲିଚନ୍ଦ୍ରପୁର ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୬୧/୨୧) ରୁଜୁ ହୋଇଛି। ଉଦ୍ଧାର ଗୋରୁଙ୍କୁ ମାଣିତ୍ରୀସ୍ଥିତ ଅନନ୍ତ ବିହାର ଗୋଶାଳା ଜିମା ଦିଆଯାଇଛି। ଏହି ଘଟଣାରେ ଡ୍ରାଇଭର ସେକ୍ ଜଲାଲ ଓ ହେଲପର ସେକ୍ ଇସୁଫ୍‌ଙ୍କୁ ଗିରଫ କରାଯାଇଥିବା ତଦନ୍ତ ଅଧିକାରୀ ଗିରିଶ ମହାନ୍ତି ସୂଚନା ଦେଇଛନ୍ତି।


**ରେଳପଥ ବିଦ୍ୟୁତୀକରଣ/ଭୁବନେଶ୍ୱର**
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: କେଏନ୍‌ବିବି_ବିବିଏସ୍_ଇଏଲ୍_ଓଟି_୨୧_୨୨_ଏଚ୍‌ଟି ତାରିଖ: ୦୨।୦୬।୨୦୨୧**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର–I, ରେଳପଥ ବିଦ୍ୟୁତୀକରଣ, ଭୁବନେଶ୍ୱର, ଆନେକ୍ସ ବିଲ୍ଡିଂ, ରେଳବିହାର, ସି.ଏସ୍.ପୁର, ଭୁବନେଶ୍ୱର ୭୫୧୦୨୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଟେଣ୍ଡରଦାତାମାନଙ୍କଠାରୁ ୱେବ୍‌ସାଇଟ୍ http://ireps.gov.in/ ମାଧ୍ୟମରେ ଇ ବିଡ୍ ଆମନ୍ତ୍ରଣ କରାଯାଉଛି ।

**କାର୍ଯ୍ୟର ନାମ: ଜିଆର୍.୩୪୮ର ଆର୍‌ଇ କାର୍ଯ୍ୟ ସଂକ୍ରାନ୍ତରେ ପୂର୍ବତଟ ରେଳପଥଙ୍କ ଅଧୀନରେ ଖୋର୍ଦ୍ଧା ଡିଭିଜନର ଖୋର୍ଦ୍ଧା ରୋଡ୍ ଏବଂ ଖୋର୍ଦ୍ଧା ଟାଉନ୍ ଷ୍ଟେଶନ ମଧ୍ୟରେ ୟୁଜି କେବୁଲ୍ ଦ୍ୱାରା ୩୩ କେଭି (୦୧ ଗୋଟି) ଏବଂ ୧୧ କେଭି (୦୧ ଗୋଟି) ଏଚ୍‌ଟି ପାୱାର୍ ଲାଇନ କ୍ରସିଂର ସଂଶୋଧନ ।**

| ଅଟକଳ ମୂଲ୍ୟ | ଇ.ଏମ୍.ଡି. | ଟେଣ୍ଡର କାଗଜପତ୍ର ମୂଲ୍ୟ |
|---|---|---|
| ₹ ୫୯,୨୪,୯୦୯.୭୯ | ଶୂନ୍ୟ | ₹ ୫୦୦୦/- |
| ବିଡିଂ ଆରମ୍ଭ ତାରିଖ | କାର୍ଯ୍ୟର ସମାପ୍ତି ଅବଧି | ଟେଣ୍ଡର ସମାପ୍ତିର ତାରିଖ ଓ ସମୟ |
| ୨୩।୦୬।୨୦୨୧ | ୦୬ (ଛଅ) ମାସ | ୦୭।୦୭।୨୦୨୧, ୧୨.୦୦ ଘଟିକା |

ବିଡ୍ ଅମାନତ ଘୋଷଣାନାମା ବଦଳରେ ଛାଡ଼ ହୋଇଥିବା ଇଏମ୍‌ଡି, ଯାହା ଅଫର୍ ସହିତ ଅପ୍‌ଲୋଡ୍ ହେଇଛି, ସନ୍ଦର୍ଭ: ଟେଣ୍ଡର ବୁକ୍ ପାରା ୧.୧.୫, ଯାହା ବିନା ଅଫର୍ ବିଧିବଦ୍ଧ ଭାବେ ନାକଚ ହୋଇଯିବ ।
ଏହି ଇ–ଟେଣ୍ଡର ପାଇଁ ବ୍ୟକ୍ତିଗତ ଭାବେ କିମ୍ବା ଡାକ ଯୋଗେ ପଠାଯାଇଥିବା କୌଣସି ମାନୁଆଲ୍ ଅଫରକୁ ଗ୍ରହଣ କରାଯିବ ନାହିଁ, ସେଗୁଡ଼ିକ ସଂସ୍ଥାର ଲେଟରହେଡ୍‌ରେ ଦାଖଲ ହୋଇଥିଲେ ଏବଂ ଠିକ୍ ସମୟରେ ପ୍ରାପ୍ତ ହୋଇଥିଲେ ମଧ୍ୟ । ଏପରି ସମସ୍ତ ଅଫରଗୁଡ଼ିକୁ ଅବୈଧ ବିବେଚିତ ହେବ ଏବଂ ଏହାକୁ ବିଚାରକୁ ନିଆ ନ ଯାଇ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ । ଉପରୋକ୍ତ ଇ–ଟେଣ୍ଡରର ସମ୍ପୂର୍ଣ୍ଣ ସୂଚନା ସମେତ ଇ–ଟେଣ୍ଡର କାଗଜପତ୍ର ୱେବ୍‌ସାଇଟ୍ http://ireps.gov.in/ରେ ଉପଲବ୍ଧ । ବିଡରମାନଙ୍କ ନିକଟରେ କ୍ଲାସ୍–iii ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେମାନେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ଜରୁରୀ । ସମସ୍ତ ସମ୍ପର୍କିତ କାଗଜପତ୍ର ଆଇଆରଇପିଏସ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବା ଏବଂ ଉପରୋକ୍ତ ଇ–ଟେଣ୍ଡର ପାଇଁ ଇ–ବିଡିଂ ନିମନ୍ତେ ନିର୍ଦ୍ଦେଶାବଳୀର ଅନୁସରଣ କରାଯିବା ଜରୁରୀ ଅଟେ ।
ଏହି ଟେଣ୍ଡର ପାଇଁ କୌଣସି ସଂଶୋଧନ/ଶୁଦ୍ଧିପତ୍ର ସମ୍ପର୍କିତ ସୂଚନା ନିମନ୍ତେ ଟେଣ୍ଡର ସମାପ୍ତି ତାରିଖରୁ ସାତ ଦିନ ପୂର୍ବରୁ ଏହି ୱେବ୍‌ସାଇଟ୍ ପରିଦର୍ଶନ କରିବା ପାଇଁ ସମ୍ଭାବ୍ୟ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

**ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର-I, ରେଳପଥ ବିଦ୍ୟୁତୀକରଣ, ଭୁବନେଶ୍ୱର**
**ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ**

## ସଂକ୍ଷେପରେ

### ମହେନ୍ଦ୍ର ହତ୍ୟା ମାମଲା
## ଏସ୍‌ପି, ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**ଡେରାବିଶ,୭।୬(ସ୍ୱ.ପ୍ର.):** ଡେରାବିଶ ଥାନା ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଛଚିଣା (ମିର୍ଜାଇପାଟଣା) ଗାଁର ବାନାମ୍ବର ଦାସଙ୍କ ପୁଅ ମହେନ୍ଦ୍ରଙ୍କ ହତ୍ୟା ମାମଲାର ଇତିମଧ୍ୟରେ ୯ ଦିନ ବିତିଗଲାଣି। ମାତ୍ର ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳତାର ପ୍ରତିବାଦରେ ସୋମବାର ଗ୍ରାମବାସୀ ଏସ୍‌ପି, ଜିଲାପାଳ, ଏସ୍‌ଡିପିଓଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ହତ୍ୟାକାଣ୍ଡର ୯ ଦିନ ବିତିଯାଇଥିଲେ ମଧ୍ୟ ତଦନ୍ତରେ ଶିଥିଳତା ଓ ଅଭିଯୁକ୍ତଙ୍କୁ ନ ଧରିବା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଗାଁରେ ଘଟିଥିବା ଏହି ହତ୍ୟାକାଣ୍ଡ ଗ୍ରାମବାସୀଙ୍କୁ ସ୍ତମ୍ଭୀଭୂତ କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ମେ’ ୩୦ ତାରିଖ ସକାଳେ ମହେନ୍ଦ୍ରଙ୍କ ମୃତଦେହ ତାଙ୍କ ବାରି ପଛପଟରୁ ଜବତ ହୋଇଥିଲା। ମୃତ ମହେନ୍ଦ୍ରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମହେନ୍ଦ୍ରଙ୍କ ବାପା ବାନାମ୍ବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ୍ ନଂ. ୧୨୦/୨୧ରେ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଆସି ସମସ୍ତ ଦିଗକୁ ଅନୁଧ୍ୟାନ କରିଥିଲା। ତେବେ ପରବର୍ତ୍ତୀ ଅବସ୍ଥାରେ ମହେନ୍ଦ୍ରଙ୍କ ସ୍ତ୍ରୀ ଝୁନୁଲତା ଅନୁରୂପ ଭାବେ ଆଉ ଏକ ଅଭିଯୋଗପତ୍ରରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତଙ୍କ ନାମ ମଧ୍ୟ ଦର୍ଶାଇଥିଲେ।

## ରାଜସ୍ୱ ରଥ କାର୍ଯ୍ୟକ୍ରମର ଶୁଭାରମ୍ଭ



**ବିରିଡି/ବାଲିଆ,୭।୬(ଡି.ଏନ୍.ଏ.):** ବିରିଡି ତହସିଲ ପ୍ରଶାସନ ପକ୍ଷରୁ ରାଜସ୍ୱ ରଥ କାର୍ଯ୍ୟକ୍ରମର ସୋମବାର ଶୁଭାରମ୍ଭ ହୋଇଛି। କରୋନା ମହାମାରୀ ଯୋଗୁ ଲୋକେ ତହସିଲ କାର୍ଯ୍ୟାଳୟକୁ ଆସିପାରୁନାହାନ୍ତି। ଏନେଇ ରାଜସ୍ୱ ରଥ କାର୍ଯ୍ୟକ୍ରମ ଜରିଆରେ ତହସିଲଦାର ସାଗରିକା ପ୍ରିୟଦର୍ଶିନୀ ଓ ବରିଷ୍ଠ ରାଜସ୍ୱ ସହାୟକ ସୂର୍ଯ୍ୟନାରାୟଣ ମହାନ୍ତି ଓ ମୁଖ୍ୟକିରାଣି ମମତାବାଳା ମହାପାତ୍ର ଲୋକଙ୍କ ଘର ଘର ବୁଲି ଆବେଦନକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଛନ୍ତି। ଏହି ଅବସରରେ କଳନ୍ତିରା ଗ୍ରାମର କେଶବ କୁମାର ଲେଙ୍କା, ପଦାସାହି ଗ୍ରାମର ସେକ୍ ସଲାମତ, ତାଞ୍ଚଣାବ୍ରହ୍ମପୁର ଗ୍ରାମର ସମୀର କୁମାର ସିଂହ, ଷଢେଇଶାସନ ଗ୍ରାମର ବିଶ୍ୱମୋହନ ବିଶ୍ୱାଳ ଓ ବାଲିଆ ଗ୍ରାମର ରଶ୍ମିମୟୀ ରଥ ପ୍ରମୁଖଙ୍କ ଘରେ ପଟ୍ଟା ବଣ୍ଟନ କରାଯାଇଥିଲା।

# ମନଇଚ୍ଛା ଔଷଧ ଖାଉଛନ୍ତି ଗୃହ ସଙ୍ଗରୋଧ ରୋଗୀ

**କେନ୍ଦ୍ରାପଡ଼ା ଅଫିସ, ୭।୬**

କେନ୍ଦ୍ରାପଡ଼ା ଜିଲାରେ କରୋନା ସଂକ୍ରମଣ ସ୍ଥିତି ବେକାବୁ ହେଉଛି। ଦୈନିକ ୨୦୦ରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ପ୍ରଥମ ଲହର ୨୦୨୦ ଏପ୍ରିଲ ୭ରୁ ୨୦୨୧ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟରେ ଜିଲାର ସଂକ୍ରମିତଙ୍କ ସଂଖ୍ୟା ୯,୧୫୫ ଥିବା ବେଳେ ଦ୍ୱିତୀୟ ଲହର ମାର୍ଚ୍ଚ ୧୭ରୁ ଆରମ୍ଭ ହୋଇ ମାତ୍ର ୮୩ ଦିନରେ ଅଧିକ ୮,୦୬୭ ଜଣ ଯୋଡି ହୋଇଗଲେଣି। ସେହିପରି ମୃତ୍ୟୁସଂଖ୍ୟା ପ୍ରଥମ ଲହରରେ ୨୮ ଥିବା ବେଳେ ଏବେ ଏହି ସଂଖ୍ୟା ୫୪ରେ ପହଞ୍ଚିଛି। ପ୍ରଥମ ଲହରରେ ଜିଲାରେ ସଙ୍ଗରୋଧ କେନ୍ଦ୍ର ଥିଲା। ତେବେ ଦ୍ୱିତୀୟ ଲହରରେ ଗୃହ ସଙ୍ଗରୋଧରେ ୮୦ପ୍ରତିଶତରୁ ଅଧିକ ରହୁଛନ୍ତି। ଚିକିତ୍ସା ସେବା ମିଳୁ ନ ଥିବାରୁ ସଂକ୍ରମିତମାନେ ମନଇଚ୍ଛା ଔଷଧ କିଣି ଖାଇବାକୁ ବାଧ୍ୟ ହେଉଛନ୍ତି। ଏପରି ତଥ୍ୟ ଦର୍ଶାଇ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ ପକ୍ଷରୁ ଜିଲାରେ ଟ୍ରେସିଂ, ଟେଷ୍ଟିଂକୁ ବଢ଼ାଇବାକୁ ସିଡିଏମ୍‌ଓ ଡା. ଅନୀତା ପଟ୍ଟନାୟକଙ୍କୁ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି।



ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ।

ଏ ସମ୍ପର୍କରେ ଜିଲା ସଭାପତି ନିରଞ୍ଜନ ପରିଡ଼ା କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ସ୍ୱାସ୍ଥ୍ୟସେବା ବିଗିଡି ଯାଇଛି। କରୋନା ମହାମାରୀ ସହ ସିଏଚସି, ପିଏଚସିରେ କର୍ମଚାରୀ ଅଭାବ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିକଳ ସ୍ଥିତି ସୃଷ୍ଟି କରିଛି। ରାଜ୍ୟ ସରକାର ଘରେ ଘରେ ଟେଷ୍ଟିଂ କରି କରୋନା ସଂକ୍ରମିତଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲାରେ ସାମୁଦ୍ରିକ ଝଡ଼ ୟାସ୍ ଆଳରେ ଟ୍ରେସିଂ, ଟେଷ୍ଟିଂକୁ ଗୁରୁତ୍ୱ ଦିଆଯାଉନାହିଁ। ଏହାଦ୍ୱାରା ଗୃହ ସଙ୍ଗରୋଧରେ ଥିବା ସଂକ୍ରମିତ ରୋଗୀଙ୍କ ଦ୍ୱାରା ଅଧିକ ସଂକ୍ରମଣ ବଢୁଛି। ସଂକ୍ରମଣ ଗ୍ରାଫ୍ ଦିନକୁଦିନ ବଢୁଥିବାରୁ ଏଥିରେ ବିଶେଷ ଭାବେ ମଧ୍ୟବିତ୍ତ ଶ୍ରେଣୀର ପରିବାରର ସମସ୍ୟା ଅଧିକ ହେଉଛି। ଏସବୁ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ସିଡିଏମ୍‌ଓଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସମ୍ପାଦକ ହରେକୃଷ୍ଣ ପାତ୍ର କହିଛନ୍ତି, ଉପକୂଳବର୍ତ୍ତୀ ଜିଲାଗୁଡିକ ମଧ୍ୟରେ କେନ୍ଦ୍ରାପଡ଼ା ଜିଲା ସବୁବେଳେ ସ୍ୱାସ୍ଥ୍ୟସେବା ପାଇବାରେ ବିଫଳ ହୋଇଛି। ଆନୁଷଙ୍ଗିକ ଭିତ୍ତିଭୂମି ନ ଥିବାରୁ ସାମାନ୍ୟ ରୋଗୀଙ୍କୁ କଟକ ବଡ ଡାକ୍ତରଖାନାକୁ ରେଫର କରାଯାଉଛି। ଦୀର୍ଘଦିନର ଦାବି ମେଡ଼ିକାଲ କଲେଜ ଏଠାରେ ସ୍ଥାପନ ପାଇଁ ସରକାରୀ ଉଦ୍ୟମରେ ଅବହେଳା ଦେଖିବାକୁ ମିଳୁଛି। କରୋନା ମହାମାରୀ ଏହି ସ୍ୱାସ୍ଥ୍ୟସେବାକୁ ଅଧିକ ଜଟିଳ କରିଛି। ଏହା ବ୍ୟତୀତ ସଡ଼କ ଯୋଗାଯୋଗ ପଥ ସବୁ ଗ୍ରାମ ପାଇଁ ଏଠାରେ ସମ୍ଭବ ହୋଇନାହିଁ। ଫଳରେ ଉପାନ୍ତ ଅଞ୍ଚଳର ରୋଗୀ କ୍ୱାକ୍‌ଙ୍କ ଶିକାର ହେଉଛନ୍ତି। ସଙ୍ଗରୋଧ କେନ୍ଦ୍ର ଓ ଗୃହ ସଙ୍ଗରୋଧ ମଧ୍ୟରେ ବହୁତ ତଫାତ ଅଛି। ବହୁ ପରିବାର ଗୋଟିଏ ଘର ମଧ୍ୟରେ ଚଳାଚଳ କରୁଥିବାରୁ ମହାମାରୀକୁ ରୋକିବା ସମ୍ଭବ ହେଉନାହିଁ। ସେହିପରି ରୋଗୀଙ୍କୁ ଚିହ୍ନଟ କରି ଔଷଧ ପ୍ରଦାନ ବ୍ୟବସ୍ଥା ସୂଚାରୁ ରୂପେ କାର୍ଯ୍ୟକାରୀ ହେଉ ନ ଥିବାରୁ ସଂକ୍ରମିତ ମନଇଚ୍ଛା କ୍ୱାକଙ୍କଠାରୁ ଔଷଧ ଗ୍ରହଣ କରୁଛନ୍ତି। ନିକଟରେ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୨ ଜଣ ରୋଗୀ କ୍ୱାକ୍‌ଙ୍କ କବଳରେ ପଡି ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଦାବିପତ୍ର ପ୍ରଦାନ ସମୟରେ କର୍ମକର୍ତ୍ତା ବାସନ୍ତୀ ମହାପାତ୍ର, ରୀନାରାଣୀ ପରିଡ଼ା, ସାଗର ଜେନା ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ସିଡିଏମ୍‌ଓ ଡା. ପଟ୍ଟନାୟକଙ୍କୁ ପଚାରିବାରେ କୋଭିଡ୍-୧୯ର ପରିଚାଳନାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ପ୍ରତ୍ୟେକ ଚିହ୍ନଟ ସଂକ୍ରମିତଙ୍କ ନିକଟରେ ସ୍ୱାସ୍ଥ୍ୟକର୍ମୀ ପହଞ୍ଚୁଥିବା ସେ କହିଛନ୍ତି।

**ମିଳୁନି ଉପଯୁକ୍ତ ଚିକିତ୍ସା**
- ଦୈନିକ ୨ଶହରୁ ଅଧିକ କରୋନା ସଂକ୍ରମିତ ଚିହ୍ନଟ
- ପ୍ରଥମଠାରୁ ଦ୍ୱିତୀୟ ଲହର ଅଧିକ ବିପଜ୍ଜନକ
- ଟ୍ରେସିଂ, ଟେଷ୍ଟିଂ ପାଇଁ ମଧ୍ୟବିତ୍ତ ପରିବାର ସଂଘର ଦାବି

## ମହିଳାଙ୍କ ମୃତଦେହ ସଂସ୍କାର କଲା ପରିବର୍ତ୍ତନ ଟିମ୍

**ରାହାମା, ୭।୬(ଡି.ଏନ୍.ଏ)**

କୁଜଙ୍ଗ ବ୍ଲକ୍ କାଠକୋଟ ପଞ୍ଚାୟତ ଗୋବର୍ଦ୍ଧନପୁର ଗାଁରେ ଜଣେ ଭିନ୍ନକ୍ଷମ ୪୨ ବର୍ଷୀୟା ମହିଳା ମଞ୍ଜୁଲତା ରାଉତ ୬ ଦିନ ହେବ ଜ୍ୱରରେ ପୀଡ଼ିତ ଥିଲେ। ରବିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। କରୋନା ସନ୍ଦେହରେ ପରିବାର ଓ ପଡ଼ୋଶୀ ମୃତଦେହ ସଂସ୍କାର କରିବାକୁ ଡରିଥିଲେ। ପରେ କାଠକୋଟ ସରପଞ୍ଚ ମିହିର ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କୁଜଙ୍ଗ ବିଡିଓ ଅମିୟ କୁମାର ପଣ୍ଡା ଏ ସମ୍ପର୍କରେ ଆଲୋଚନା କରି ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ପରାମର୍ଶରେ ପଙ୍କପାଳର ପରିବର୍ତ୍ତନ ଯୋଦ୍ଧା ସଙ୍ଗଠନ ପକ୍ଷରୁ ସଭାପତି ପରମବ୍ରହ୍ମ ରାଉତଙ୍କ ନେତୃତ୍ୱରେ ସଦସ୍ୟମାନେ ପିପିଇ କିଟ୍ ପିନ୍ଧି ମୃତଦେହ ସଂସ୍କାର କରିଥିଲେ। ଭିନ୍ନକ୍ଷମ ମହିଳା ଜଣକ ବିଭିନ୍ନ ରୋଗରେ ପୀଡିତ ଥାଇ ଭଉଣୀ ପାଖରେ ରହି ଆସୁଥିଲେ। କିଛିଦିନ ହେବ ଜ୍ୱରରେ ପୀଡିତ ଥିଲେ। ପରିବର୍ତ୍ତନ ଯୋଦ୍ଧା ସଙ୍ଗଠନର ଏହି କାର୍ଯ୍ୟକୁ ସରପଞ୍ଚ ପଟ୍ଟନାୟକ ଉଚ୍ଚ ପ୍ରଶଂସା କରିଛନ୍ତି।

# ଫର୍ନେସ୍ ଅଏଲ ବୋଝେଇ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ

- ରାସ୍ତାରେ ବୋହିଗଲା ତେଲ
- ଖୋଲିପାରେ କଳା ତେଲ କାରବାର ଗୁମର

**ପାରାଦୀପ, ୭।୬(ସ୍ୱ.ପ୍ର.)**

ପାରାଦୀପ-ଚଣ୍ଡିଖୋଲ ୫ ନଂ (କ)ଜାତୀୟ ରାଜପଥର ଲକ୍ ଥାନା ସମ୍ମୁଖ ଗେଟବଜାରଠାରେ ସୋମବାର ଏକ ଫର୍ନେସ୍ ଅଏଲ ବୋଝେଇ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ଗାଡ଼ିରୁ ବିପୁଳ ପରିମାଣର କଳା ତେଲ ରାଜପଥ ଉପରେ ବୋହିଯାଇଛି। ପରେ ଲକ୍‌ଥାନା ପୋଲିସ, କୁଜଙ୍ଗ ଅଗ୍ନିଶମ ବିଭାଗ ଗାଡି ଓ ତୈଳ ବିଶୋଧନାଗାର ସେଫ୍ଟି ଟିମ୍ ଆସି ଗାଡିରୁ ତେଲ ନିଷ୍କାସନ କରି ରାସ୍ତାରେ ବାଲି ପକାଇ ସଫା କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଗାଡିକୁ ପୋଲିସ ଜବତ କରି ଥାନାକୁ ନେଇଛି। ଗାଡି ଓ ତେଲର ରେକର୍ଡ ଯାଞ୍ଚ କରୁଛି। ଏହା କଳାତେଲର କଳା କାରବାର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସମ୍ପୃକ୍ତ ତେଲବେପାରୀ ସନ୍ଧ୍ୟା ସୁଦ୍ଧା କାଗଜପତ୍ର ଥାନାରେ ପେଶ କରିନାହିଁ ବୋଲି ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି। ଏହି ଫର୍ନେସ୍ ଅଏଲ ପାରାଦୀପ ପୋର୍ଟରୁ କି ତୈଳବିଶୋଧନାଗାରରୁ ଯାଉଥିଲା ତାହା ସ୍ପଷ୍ଟ ହୋଇନାହିଁ। ମାତ୍ର ଟ୍ୟାଙ୍କରଟି ପାରାଦୀପରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିଲା। ଗେଟ୍‌ବଜାର ପାଖରେ ପଛପଟୁ ଏକ ଟ୍ରକ୍ ସାମାନ୍ୟ ଧକ୍କା ଦେଇଥିଲା। ଉକ୍ତ ଦୁର୍ଘଟଣାରେ ଟ୍ୟାଙ୍କର ପାଇପ୍ ଫାଟି ତେଲ ରାସ୍ତାରେ ବୋହିଯାଇଥିଲା।



ଟ୍ୟାଙ୍କର ପାଇପ୍ ଫାଟିଯିବାରୁ ରାସ୍ତାରେ କଳା ତେଲ ବୋହିଯାଇଛି।

ସୂଚନାଯୋଗ୍ୟ ଯେ, ପାରାଦୀପ ବନ୍ଦରକୁ ଯାତାୟତ କରୁଥିବା ପଣ୍ୟବାହୀ ଜାହାଜରୁ ଫର୍ନେସ୍ ଅଏଲ ବାହାରିଥାଏ। ସେହି ତେଲକୁ ଏକାଧିକ ପଞ୍ଜୀକୃତ ଫାର୍ମ ଟ୍ୟାଙ୍କର ଯୋଗେ ନେଇଥାନ୍ତି। ଏହି ତେଲକୁ ବିଭିନ୍ନ କ୍ଷୁଦ୍ରଶିଳ୍ପକୁ ବିକ୍ରି କରାଯାଏ। ଗ୍ରିସିଂ, ବେରିଂ, ଜୋତା, ରବର, ପ୍ଲାଷ୍ଟିକ ଆଦି କାରଖାନାରେ ଏହି ଫର୍ନେସ୍ ତେଲ ବହୁଳ ଭାବେ ବ୍ୟବହାର କରାଯାଏ। କିନ୍ତୁ କେତେଜଣ ଅସାଧୁ ବ୍ୟବସାୟୀ ଏହି ଫର୍ନେସ୍ ତେଲକୁ ଦେଶୀ ଘିଅ, ଡାଲ୍‌ଡା ଘିଅ, ମନ୍ଦିର ଦୀପ ଘିଅ ଆଦିରେ ବ୍ୟବହାର କରିଥାନ୍ତି। ଆଉ କେତେଜଣ ଫର୍ଣ୍ଣେଷ ତେଲରେ ଶିଳ୍ପ ଇଞ୍ଜିନରୁ ବାହାରୁଥିବା ପୋଡା ମୋବିଲ ଓ ପାଣି ଆଦି ମିଶାଉଛନ୍ତି। ଏଥିରେ କେତେଜଣ ମୁଷ୍ଟିମେୟ ଲୋକଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି। ପୋଲିସ ଏହି ଘଟଣାକୁ କେତେ ଗଭୀରକୁ ନେଇ ତଦନ୍ତ କରିବ ତାହା ଦେଖିବାକୁ ରହିଲା।



ପାରାଦୀପ ବଡ଼ପଡିଆ ବଜାର ରାସ୍ତାରେ ରବିବାର ବନ୍ଦର ଭିତରେ ଚଳାଚଳ କରୁଥିବା ହାଇୱାଗୁଡିକ ତେଲ ପକାଇବା ପାଇଁ ଧାଡିରେ ରହିଛି।

## ମଦ କାରବାରରେ ପୂର୍ବତନ ସରପଞ୍ଚ ଗିରଫ

**ଡେରାବିଶ ୭।୬(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଭଣଗାଁ (କାକଟିଆ) ଗାଁରେ ଫାଣ୍ଡି ଅଧିକାରୀ ରବିବାର ରାତିରେ ଚଢ଼ାଉ କରି ଚୋରା ମଦ ଜବତ କରିଛନ୍ତି। କାରବାରରେ ସମ୍ପୃକ୍ତ ଥିବା ଚାନ୍ଦୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ସମୟରେ ପୂର୍ଣ୍ଣଚନ୍ଦ୍ରଙ୍କ ଘରୁ ୩୫ ବୋତଲ ବିଦେଶୀ ଓ ୨୧ ବୋତଲ ଦେଶୀ ମଦ ଜବତ ହୋଇଥିଲା। ଥାନାରେ କେସ୍ ନଂ. ୩୨୮/୨୧ ରୁଜୁ ହୋଇଛି।

# ୧୭ରେ ଜିଲା ପରିଷଦର ଅବ୍ୟବସ୍ଥା ବିରୋଧରେ ଅନଶନ

**କେନ୍ଦ୍ରାପଡ଼ା ଅଫିସ, ୭।୬**

କେନ୍ଦ୍ରାପଡ଼ା ଜିଲା ପରିଷଦର ଅଚଳାବସ୍ଥା ସୃଷ୍ଟି ହୋଇଛି। ନିୟମିତ ବୈଠକ ହେଉ ନ ଥିବା ବେଳେ ଆର୍ଥିକ ଅନୁଦାନ କ୍ଷେତ୍ରରେ ଅନିୟମିତତା ଅଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତ ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)କୁ ମନମୁଖି କରାଯାଉଛି। ଏପରି ବିଭିନ୍ନ କାରଣ ଦର୍ଶାଇ ଆସନ୍ତା ୧୭ ତାରିଖରେ ଡିଆରଡିଏ କାର୍ଯ୍ୟାଳୟ ସମ୍ମୁଖରେ ଗଣଅନଶନ ଓ ଧାରଣା ଦିଆଯିବ ବୋଲି ୩୨ ଜଣ ଜିଲା ପରିଷଦଙ୍କ ମଧ୍ୟରୁ ୧୦ ଜଣ ସଭ୍ୟାସଭ୍ୟ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ସୋମବାର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଗତ ୩ ଆର୍ଥିକ ବର୍ଷର ମୋଟ ଭେଇକିଲ ଟ୍ୟାକ୍ସ ଅନୁଦାନ, ଗ୍ରାଣ୍ଟ ଇନ ଏଡ୍ ଆଦିର ପ୍ରକଳ୍ପ ତାଲିକାକୁ ମନମୁଖି ଭାବେ ପରିଚାଳନା କରାଯାଉଛି। ସେହିପରି କେନ୍ଦ୍ରୀୟ ଆୟୋଗର ଅନଟାଏଡ ଫଣ୍ଡରେ ନିର୍ମିତ ପ୍ରକଳ୍ପଗୁଡିକର ବିଲ୍‌ଗୁଡିକର ପେମେଣ୍ଟକୁ ଅଯଥା ବିଳମ୍ବ କରାଯାଉଛି। ଏପରି କି ଜଳଯୋଗାଣ ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ କରାଯାଉନାହିଁ। ବୈଠକ ନ ବସିବାରୁ ଏପରି ବହୁବିଧ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ଗତ ମେ ୨୧ରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ସୁଫଳ ନ ମିଳିବାରୁ ଆସନ୍ତା ୧୭ରେ ଗଣଅନଶନ ଓ ଧାରଣା ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ ପ୍ରକାଶ କରିଛନ୍ତି।

# କାର୍ ଧକ୍କାରେ ୨ ଗୁରୁତର

**କାର୍ ମାଲିକ ଅଟକ, ୨ ଲକ୍ଷ ୬୦ ହଜାର ଜବତ**

**କୁଜଙ୍ଗ, ୭।୬(ଡି.ଏନ୍.ଏ.)**

କୁଜଙ୍ଗ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାଜ୍ୟ ରାଜପଥର ଷଣ୍ଢପୁରଗଡ଼ା ନିକଟରେ ଏକ କାର (ନଂ. ଓଡି ୦୨ ୱାଇ ୯୭୩୬) ଦ୍ରୁତଗତିରେ ବିପରୀତ ଦିଗରୁ ଆସି ଏକ ବାଇକ୍ ନିକଟରେ ଛିଡା ହୋଇଥିବା ୨ ଯୁବକଙ୍କୁ ଧକ୍କା ଦେଇଥିଲା। ଏଥିରେ ଷଣ୍ଢପୁର ଗାଁର ଅକ୍ଷୟ ସ୍ୱାଇଁଙ୍କ ପୁଅ ଅର୍ଜୁନ(୩୩) ଓ ସୁକାନ୍ତ ରାଉତଙ୍କ ପୁଅ ସୁମନ୍ତ (୩୦) ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ କାର୍‌ର ମାଲିକ ତିର୍ତ୍ତୋଲ ଥାନା ନାଳିଆପାଳ ଗାଁର ବୈକୁଣ୍ଠ ଲେଙ୍କାଙ୍କୁ ପୋଲିସ ଥାନାରେ ଅଟକ ରଖିବା ସହ କାରକୁ ଜବତ କରିଛି। ଦୁର୍ଘଟଣା ପରେ ଉକ୍ତ କାର୍‌ର ଚାଳକ ଫେରାର ହୋଇ ଯାଇଛନ୍ତି। ଅନ୍ୟପକ୍ଷରେ କାର୍‌ରୁ ୨ ଲକ୍ଷ ୬୦ ହଜାର ଟଙ୍କା ଉଦ୍ଧାର କରାଯାଇ ବୈକୁଣ୍ଠଙ୍କୁ ଫେରସ୍ତ କରାଯାଇଥିବା ଥାନା ଅଧିକାରୀ ପାରାଓ ଟୁଡୁ କହିଛନ୍ତି।

ବୈକୁଣ୍ଠ କୁଜଙ୍ଗ ଥାନା ମାଳହୁଙ୍କାଠାରେ ସରକାରୀ ଠିପି ବନ୍ଦ ମଦ ଦୋକାନ ଲାଇସେନ୍ସ ପାଇଛନ୍ତି। ସେ ସୋମବାର ରଘୁନାଥପୁରସ୍ଥ ଏକ ବ୍ୟାଙ୍କ୍‌ରୁ ଟଙ୍କା ଉଠାଇ ମାଳହୁଙ୍କାଠାରେ ଥିବା ଆଲ୍ଲାହାବାଦ ବ୍ୟାଙ୍କରେ ଜମା ଦେବାକୁ ଆସୁଥିଲେ। ଦୁର୍ଘଟଣା ପରେ ତାଙ୍କ ଗାଡିରୁ ନଗଦ ୧ ଲକ୍ଷ ଟଙ୍କା କେହି ନେଇ ଯାଇଥିବା ଜଣାପଡିଛି। ଥାନାକୁ ଯାତାୟାତ କରୁଥିବା ଜଣେ ଯୁବକ ଟଙ୍କା ନେଇଥିବା ଆଲୋଚନା ହେଉଛି। ବୈକୁଣ୍ଠ ଉକ୍ତ ଯୁବକଙ୍କ ସମ୍ପର୍କରେ ମଧ୍ୟ ସୂଚନା ଦେଉଛନ୍ତି। ଦୁର୍ଘଟଣାରେ ଆହତଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇ ନାହିଁ।

# ୬ ଦିନ ହେବ ଅସୁବିଧା ଭୋଗୁଛନ୍ତି ୧୦ ଦଳିତ ପରିବାର

**ଏରସମା,୭।୬(ସ୍ୱ.ପ୍ର.)**

ଏରସମା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଭିରଙ୍ଗ ଗ୍ରାମର ୧୦ ଦଳିତ ପରିବାରଙ୍କ ଯାତାୟାତ ରାସ୍ତାରେ ବାଡ଼ ପକାଇ ବନ୍ଦ କରିଦିଆଯାଇଛି। ଏନେଇ ସମ୍ପୃକ୍ତ ପରିବାରର ମହିଳାମାନେ ଥାନା, ତହସିଲ ଓ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ଆଶଙ୍କାରେ ଗ୍ରାମର କେତେଜଣ ବ୍ୟକ୍ତି ସେମାନଙ୍କ ଯାତାୟାତ ରାସ୍ତାକୁ ବନ୍ଦ କରିଦେଇଛନ୍ତି। ଫଳରେ ୬ ଦିନ ହେବ ସେମାନେ ବାହାରକୁ ବାହାରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ପରିବାରରେ କୌଣସି ପଜିଟିଭ ଚିହ୍ନଟ ହୋଇ ନ ଥିଲେ ମଧ୍ୟ ସେମାନଙ୍କୁ ଉଦ୍ଦେଶ୍ୟମୂଳକଭାବେ ହଇରାଣ କରାଯାଉଛି ବୋଲି ଗ୍ରାମର ବନୀତା ମଲ୍ଲିକ,ଟିଙ୍କି ମଲ୍ଲିକ, ରିଙ୍କି ମଲ୍ଲିକ, ଶ୍ରୀମତୀ ମଲ୍ଲିକ, ଚାରୁଲତା ମଲ୍ଲିକ, ଟୁନୀ ମଲ୍ଲିକ, ଉର୍ମିଳା ମଲ୍ଲିକ ଓ ଆରତୀ ମଲ୍ଲିକ ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି।



ବ୍ଲକ୍ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

- କରୋନା ଆଶଙ୍କାରେ ରାସ୍ତାରେ ବାଡ଼
- ଥାନା, ତହସିଲ ଓ ବ୍ଲକ୍ କାର୍ଯ୍ୟାଳୟରେ ଅଭିଯୋଗ

ଏ ସମ୍ପର୍କରେ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା କହିଛନ୍ତି, ସେ ଘଟଣାସ୍ଥଳକୁ ଯାଇ ବାଡ଼ ଖୋଲିବାକୁ ସ୍ଥାନୀୟ ଲୋକଙ୍କୁ କହିଥିଲେ। ମାତ୍ର କେହି ଶୁଣି ନ ଥିଲେ। ପରେ ସମ୍ପୃକ୍ତ ପରିବାର ସଦସ୍ୟ ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଏ ସମ୍ପର୍କରେ ଥାନା ଅଧିକାରିଣୀ ଲିଜାରାଣୀ ବିଶ୍ୱାଳ କହିଛନ୍ତି, ଅଭିଯୋଗ ପରେ ଘଟଣାର ତଦନ୍ତ ଚାଲିଛି। ଏହାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଡେରିକି ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ପାଇଁ ଉତ୍ତେଜନା



ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଟିକା ପାଇଁ ଆସିଥିବା ଲୋକେ।

**ନାଉଗାଁ,୭।୬(ସ୍ୱ.ପ୍ର)**

ନାଉଗାଁ ବ୍ଲକର ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଛି। ଖବରପାଇ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସୁନନ୍ଦନ ମହାନ୍ତି ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଟିକାକରଣ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୨ୟ ଡୋଜ ପାଇଁ ଟିକା ଦିଆଯାଉଥିଲା। ସରକାରଙ୍କ ନିୟମ ଅନୁସାରେ ଅନ୍‌ଲାଇନରେ ପଞ୍ଜୀକରଣ କରି ସ୍ଲଟ୍ ବୁକ୍ କରିଥିବା ବ୍ୟକ୍ତି ଅବା ଟିକାକରଣ କେନ୍ଦ୍ରରୁ ଟୋକନ ପାଇଥିବା ଲୋକଙ୍କୁ ଟିକା ଦିଆଯିବ। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଅଧିକାଂଶ ଲୋକ ଅନ୍‌ଲାଇନରେ ସ୍ଲଟ୍ ବୁକ୍ କରି ନ ଥିଲେ। ସେମାନଙ୍କ ପାଖରେ ଟୋକନ ମଧ୍ୟ ନ ଥିଲା। ମାତ୍ର ସେମାନେ ପ୍ରଥମ ଡୋଜର ମୋବାଇଲ ମ୍ୟାସେଜ ଦେଖାଇ ୨ୟ ଡୋଜ ଟିକା ନେବାକୁ ଜିଦ୍ କରିଥିଲେ। ଏନେଇ ଡେରିକି ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ଟିକାକରଣ ମଧ୍ୟ ବନ୍ଦ ହୋଇଯାଇଥିଲା। ଟିକା ପାଇଁ ଆସିଥିବା ଭାରତୀ ଜେନା, ରାଜ କିଶୋର ଜେନା, ଦିବାକର ମଲିକ,ରେଣୁ ବାଳା ବିଶ୍ୱାଳଙ୍କ କହିବା ଅନୁସାରେ, ସେମାନେ ୮୪ ଦିନ ପୂର୍ବରୁ କୋଭିଶିଲ୍ଡର ପ୍ରଥମ ଡୋଜ ଟିକା ନେଇ ଥିଲେ। ୨ୟ ଡୋଜ ଟିକା ପାଇଁ ମୋବାଇଲକୁ ମ୍ୟାସେଜ ଆସିବା ପରେ ସେମାନେ ଟିକା ନେବାକୁ ଆସିଥିଲେ। ମାତ୍ର ସେମାନଙ୍କୁ ଟିକା ଦିଆଯାଇ ନ ଥିଲା।

ଏ ସମ୍ପର୍କରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ମହାନ୍ତି କହିଛନ୍ତି, ୨ୟ ଡୋଜ ନେବା ପାଇଁ ଆସିଥିବା ଅନେକ ଲୋକ ସରକାରୀ ନିୟମ ମାନି ନ ଥିବାରୁ ସେମାନଙ୍କୁ ଟିକା ଦେବା ସମ୍ଭବ ହୋଇ ନଥିଲା। ପୁନର୍ବାର ୮୪ରୁ ୯୬ ଦିନ ଭିତରେ ଟୋକନ୍ ନେଇ ଅବା ସ୍ଲଟ୍ ବୁକ୍ କରି ଆସିଲେ ସେମାନଙ୍କୁ ଟିକା ଦିଆଯିବ।

